# NATIONAL NEWS BULLETIN (ODIA)

**24 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭୋପାଳଠାରେ ବିଶ୍ୱ ନିବେଶକ ସମ୍ମିଳନୀର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ।
- ପିଏମ୍ କିଶାନ ସମ୍ମାନନିଧି ଯୋଜନା ଅଧୀନରେ ଆଜି ପ୍ରଦାନ କରାଯିବ ୧୯ତମ କିସ୍ତି ଅର୍ଥ ।
- ମହାକୁମ୍ଭ ମେଳା ଶ୍ରଦ୍ଧାଳୁଙ୍କ ସୁବିଧାଜନକ ଯାତ୍ରାକୁ ଦୃଷ୍ଟିରେ ରଖି ରେଳବାଇ ନିରନ୍ତର ପ୍ରୟାସ ଜାରି ରଖିଛି - କହିଲେ ରେଳମନ୍ତ୍ରୀ ।
- ନବଗଠିତ ଦିଲ୍ଲୀ ବିଧାନସଭାର ପ୍ରଥମ ଅଧିବେଶନ ହେଲା ଆରମ୍ଭ ।

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ୟୁ.ପି. ୱାରିୟର୍ସ ମଧ୍ୟରେ ହେବ ମୁକାବିଲା ।

---

## ଗ୍ଲୋବାଲ ସମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ବିଶ୍ୱବ୍ୟାଙ୍କଠାରୁ ଆରମ୍ଭ କରି ଅନ୍ତର୍ଜାତିକ ସ୍ତରର ସବୁ ପ୍ରମୁଖ ଅନୁଷ୍ଠାନ ଭାରତକୁ ଅର୍ଥନୀତି କ୍ଷେତ୍ରରେ

ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରଭାବେ ଘୋଷଣା କରୁଛନ୍ତି । ମଧ୍ୟପ୍ରଦେଶର ଭୋପାଳଠାରେ ବିଶ୍ୱ ନିବେଶକ ସମ୍ମିଳନୀର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଇତିହାସରେ ପ୍ରଥମଥର ପାଇଁ ସମଗ୍ର ବିଶ୍ୱ ଆଶାର ସହ ଭାରତକୁ ନଜର ପକାଉଛନ୍ତି । ବିଶ୍ୱବାସୀଙ୍କର ଏହି ବିଶ୍ୱାସ ଭାରତ ବାସୀଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିଛି । ବିକଶିତ ଭାରତରେ ବୟନଶିଳ୍ପ, ପର୍ଯ୍ୟଟନ ଓ ପ୍ରଯୁକ୍ତିବିଦ୍ୟା ଆଦି କ୍ଷେତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ଏହି କ୍ଷେତ୍ର ଗୁଡ଼ିକରେ ପାରମ୍ପରିକ ଦକ୍ଷତାକୁ ପ୍ରୋତ୍ସାହନ ପ୍ରଦାନ ସହିତ କୃଷି, ବୟନଶିଳ୍ପ, ଚିକିତ୍ସା କ୍ଷେତ୍ର ଭଳି ବିଭିନ୍ନ କ୍ଷେତ୍ର ଉପରେ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଖଣିଜ ସମ୍ପଦ ଏବଂ ଭିତ୍ତିଭୂମି ଦୃଷ୍ଟିରୁ ମଧ୍ୟପ୍ରଦେଶ ଦେଶର ଅନ୍ୟ ଶ୍ରେଷ୍ଠ ରାଜ୍ୟମାନଙ୍କ ମଧ୍ୟରେ ସ୍ଥାନିତ ହୋଇଥିବାବେଳେ ପୁଞ୍ଜିନିବେଶ ପାଇଁ ପ୍ରଧାନମନ୍ତ୍ରୀ ଏହି ଅବସରରେ ଆହ୍ୱାନ ଦେଇଛନ୍ତି ।

## ପିଏମ୍-ବିହାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପି.ଏମ୍. କିଷାନ୍ ଯୋଜନାର ୧୯ତମ କିସ୍ତି ଅର୍ଥ ପ୍ରଦାନ କରିବେ । ଦେଶର ୯ କୋଟି ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ ଚାଷୀଙ୍କ ଜମାଖାତାକୁ ଏ ବାବଦରେ ୨୨ ହଜାର ୭୦୦ କୋଟିରୁ ଅଧିକ ଟଙ୍କା ସିଧାସଳଖ ଭାବେ ପ୍ରଦାନ କରାଯିବ । ପିଏମ୍ କିଶାନ ଯୋଜନାର ଷଷ୍ଠ ବାର୍ଷିକୀ ପାଳନ ଅବସରରେ ଏହି କାର୍ଯ୍ୟକ୍ରମର

ଆୟୋଜନ କରାଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ବିହାରରେ କେତେକ ପ୍ରକଳ୍ପର ଉଦ୍‌ଘାଟନ ସହିତ କୃଷି କଲ୍ୟାଣକାରୀ କାର୍ଯ୍ୟକ୍ରମର ଲୋକାର୍ପଣ କରିବେ । ଭାଗଲପୁର ବିମାନବନ୍ଦର ପଡ଼ିଆଠାରେ ସାଧାରଣ ସଭାକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ମୋତିହାରିଠାରେ ରାଷ୍ଟ୍ରୀୟ ଗୋକୁଲ ମିଶନ ଅଧୀନରେ ଆଞ୍ଚଳିକ ଉତ୍କର୍ଷ କେନ୍ଦ୍ରକୁ ଉଦ୍‌ଘାଟନ କରିବେ । ଏହି ଅବସରରେ ବେଗୁସରାଇର ବରାଉଣିଠାରେ ୧୧୩ ବ୍ୟୟରେ ପ୍ରତିଷ୍ଠିତ ଦୁଗ୍ଧ ପ୍ରକ୍ରିୟାକରଣ ୟୁନିଟ୍‌କୁ ଲୋକାର୍ପଣ କରିବେ । ନୱାଡା ୱାରିସଲିଗଞ୍ଜ-ତିଲୈୟା ରେଳ ସେକ୍ସନର ଦୋହରୀକରଣ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ । ୫୨୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି ।

ଏହି କାର୍ଯ୍ୟକ୍ରମରେ ବିହାର ରାଜ୍ୟପାଳ ଆରିଫ ମହମ୍ମଦ ଖାଁ, ମୁଖ୍ୟମନ୍ତ୍ରୀ ନୀତିଶ କୁମାର, କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ପ୍ରମୁଖ ଯୋଗଦେବେ ।

## ପିଏମ୍-କୃଷକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଶାନ ସମ୍ମାନନିଧି ଯୋଜନାର ଷଷ୍ଠ ବାର୍ଷିକୀ ପାଳନ ଅବସରରେ ଦେଶର କୃଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଏପର୍ଯ୍ୟନ୍ତ ଏହି ଯୋଜନା ଅଧୀନରେ ପ୍ରାୟ ସାଢ଼େ ୩ଲକ୍ଷ କୋଟି ଟଙ୍କା କୃଷକଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରଦାନ କରାଯାଇସାରିଛି । ଦେଶରେ କୃଷକଙ୍କ

ସମ୍ମାନ, ସମୃଦ୍ଧି ଏବଂ ଶକ୍ତି ପ୍ରଦାନ କ୍ଷେତ୍ରରେ ଏହା ବିଶେଷ ସହାୟକ ହୋଇପାରିଛି । ଗତ ୧୦ବର୍ଷ ମଧ୍ୟରେ ସରକାରଙ୍କ ପ୍ରୟାସ ଯୋଗୁଁ ଦେଶରେ କୃଷିକ୍ଷେତ୍ର ଦ୍ରୁତ ଅଗ୍ରଗତି କରିଥିବା ସେ କହିଛନ୍ତି । କୃଷି ଖର୍ଚ୍ଚ ହ୍ରାସ କରିବା ସହ କୃଷକଙ୍କ ଆୟ ବୃଦ୍ଧି ପାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି । କୃଷକଙ୍କ ପାଇଁ ଦେଶ ଗର୍ବିତ ଏବଂ କୃଷକଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ପି.ଏମ୍. - ଆସାମ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜିଠାରୁ ଦୁଇଦିନିଆ ଆସାମ ଗସ୍ତରେ ଯାଉଛନ୍ତି । ସଂଧ୍ୟାରେ ଗୁଆହାଟୀଠାରେ 'ଝୁମୋଇର୍ ବିନନ୍ଦିନୀ-୨୦୨୫' କାର୍ଯ୍ୟକ୍ରମରେ ଯୋଗଦେବେ । ଆମ ପ୍ରତିନିଧିଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ଗୁଆହାଟୀର ସରୁସାଜାଇ ଷ୍ଟାଡିୟମଠାରେ ବୃହତ୍ ଝୁମର୍ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ 'ଝୁମୋଇର୍ ବିନନ୍ଦିନୀ-୨୦୨୫' କାର୍ଯ୍ୟକ୍ରମରେ ଯୋଗଦେବେ । ଆସାମ ଚା'ର ୨୦୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ସାଂସ୍କୃତିକ ଐତିହ୍ୟ ଆଧାରିତ ଲେଜର ଶୋ' ଅନୁଷ୍ଠିତ ହେବ । ଭାରତର ୬୧ଜଣ ମିଶନ ମୁଖ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ସଂନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଏହି ସମ୍ବନ୍ଧୀୟ ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ ।

ପ୍ରଧାନମନ୍ତ୍ରୀ ଆସନ୍ତାକାଲି 'ଆଡ୍‌ଭାଣ୍ଟେଜ୍ ଆସାମ-୨.୦ ନିବେଶ ଓ ଭିତ୍ତିଭୂମି ସମ୍ମିଳନୀ'ର ଉଦ୍‌ଘାଟନ କରିବେ । ଏହି ସମ୍ମିଳନୀରେ ଆସାମ ରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀ, ପଡୋଶୀ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ଅନ୍ତର୍ଜାତୀୟ ସଙ୍ଗଠନ, ନିବେଶକ, ନୀତି ନିର୍ଦ୍ଧାରକ, ଶିଳ୍ପ ବିଶେଷଜ୍ଞ ପ୍ରମୁଖ ଯୋଗ ଦେବେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ପୁନଃ ପ୍ରକ୍ରିୟାକରଣ ଏବଂ ବର୍ଜ୍ୟବସ୍ତୁ ପରିଚାଳନା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଆର୍ଥିକ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ବିଶେଷଜ୍ଞ ଡକ୍ଟର ସୁନୀଲ ପାଣ୍ଡେ ଏବଂ ପରିବେଶବିତ୍ ମୁକୁଲ ସନୱାଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ମହାକୁମ୍ଭ-ରେଲୱେ

ପ୍ରୟାଗରାଜ ମହାକୁମ୍ଭ ମେଳାକୁ ଯାଉଥିବା ଶ୍ରଦ୍ଧାଳୁଙ୍କର ସୁବିଧାଜନକ ଯାତ୍ରାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ନିରନ୍ତର ପ୍ରୟାସ ଜାରି ରଖିଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ନୂଆଦିଲ୍ଲୀ ରେଳଷ୍ଟେସନ ଗତକାଲି ରାତିରେ ପରିଦର୍ଶନ କରିବା ଅବସରରେ ଶ୍ରୀ ବୈଷ୍ଣବ କହିଛନ୍ତି ରେଳବାଇ ବୋର୍ଡ କାର୍ଯ୍ୟାଳୟରେ ସ୍ଥାପିତ 'ୱାର୍ ରୁମ୍' ଶ୍ରଦ୍ଧାଳୁଙ୍କର ଯାତ୍ରା ସ୍ଥିତି ନେଇ ତୀକ୍ଷ୍ଣ ନଜର ରଖିଛି । ଭିଡ଼ ନିୟନ୍ତ୍ରଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି ।

**V/O-**

ଭାରତୀୟ ରେଳବାଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଶନିବାର ଦିନ ରେଳ ଷ୍ଟେସନରେ ପ୍ରୟାଗରାଜକୁ ଯାତ୍ରା ଟିକଟ ବିକ୍ରି ସ୍ୱାଭାବିକଠାରୁ ଅଧିକ ରହିଥିଲା । ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶନିବାର ସଂଧ୍ୟାରେ ୫ଟି ଅଣ ସଂରକ୍ଷିତ ଟ୍ରେନ୍ ପ୍ରୟାଗରାଜକୁ ଚଳାଚଳ କରିଥିଲା । ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ରେଳବାଇ ସୂଚନା ଦେଇଛି ।

# ଦିଲ୍ଲୀ ଆସେମ୍ବ୍ଲି ସେସନ

ନବଗଠିତ ଦିଲ୍ଲୀ ବିଧାନସଭାର ପ୍ରଥମ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ଅସ୍ଥାୟୀ ବାଚସ୍ପତି ଅରବିନ୍ଦର ସିଂହ ନବନିର୍ବାଚିତ ସଦସ୍ୟଙ୍କୁ

ଶପଥପାଠ କରାଇଛନ୍ତି । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ମନ୍ତ୍ରିମଣ୍ଡଳର ସଦସ୍ୟ ପରବେଶ୍ ସାହିବ ସିଂହ, ଆଶିଷ ସୁଦ୍, ମନ୍‌ଜିନ୍ଦର ସିଂହ ଶୀର୍ଷା, କପିଲ ମିଶ୍ରା, ରବୀନ୍ଦ୍ର ଇନ୍ଦ୍ରାଜ ସିଂହ ଏବଂ ପଙ୍କଜ ସିଂହ ପ୍ରମୁଖ ପ୍ରଥମେ ସଦସ୍ୟ ଭାବେ ଶପଥଗ୍ରହଣ କରିଥିଲେ । ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଛି । ଅପରାହ୍ଣରେ ବୈଠକ ଆରମ୍ଭ ହେବା ପରେ ବାଚସ୍ପତି ନିର୍ବାଚନ ନେଇ ପଦକ୍ଷେପ ଗ୍ରହଣ କରାଯିବ । ଉପରାଜ୍ୟପାଳ ଭି.କେ.ସକ୍‌ସେନା ଆସନ୍ତାକାଲି ଗୃହକୁ ସମ୍ବୋଧନ କରିବେ । ଏହାପରେ ସିଏଜି ରିପୋର୍ଟ ଗୃହରେ ଉପସ୍ଥାପନ କରାଯିବ । ଏହି ୩ ଦିନିଆ ସଂକ୍ଷିପ୍ତ ଅଧିବେଶନ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଗ୍ଲୋବାଲ ସମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ବିଶ୍ୱବ୍ୟାଙ୍କଠାରୁ ଆରମ୍ଭ କରି ଅନ୍ତର୍ଜାତିକ ସ୍ତରର ସବୁ ପ୍ରମୁଖ ଅନୁଷ୍ଠାନ ଭାରତକୁ ଅର୍ଥନୀତି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରଭାବେ ଘୋଷଣା କରୁଛନ୍ତି । ମଧ୍ୟପ୍ରଦେଶର ଭୋପାଳଠାରେ ବିଶ୍ୱ ନିବେଶକ ସମ୍ମିଳନୀର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଇତିହାସରେ ପ୍ରଥମଥର ପାଇଁ ସମଗ୍ର ବିଶ୍ୱ ଆଶାର ସହ ଭାରତକୁ ନଜର ପକାଉଛନ୍ତି । ବିଶ୍ୱବାସୀଙ୍କର ଏହି ବିଶ୍ୱାସ ଭାରତ ବାସୀଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିଛି । ବିକଶିତ ଭାରତରେ ବୟନଶିଳ୍ପ,

ପର୍ଯ୍ୟଟନ ଓ ପ୍ରଯୁକ୍ତିବିଦ୍ୟା ଆଦି କ୍ଷେତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ଏହି କ୍ଷେତ୍ର ଗୁଡ଼ିକରେ ପାରମ୍ପରିକ ଦକ୍ଷତାକୁ ପ୍ରୋତ୍ସାହନ ପ୍ରଦାନ ସହିତ କୃଷି, ବୟନଶିଳ୍ପ, ଚିକିତ୍ସା କ୍ଷେତ୍ର ଭଳି ବିଭିନ୍ନ କ୍ଷେତ୍ର ଉପରେ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଖଣିଜ ସମ୍ପଦ ଏବଂ ଭିତ୍ତିଭୂମି ଦୃଷ୍ଟିରୁ ମଧ୍ୟପ୍ରଦେଶ ଦେଶର ଅନ୍ୟ ଶ୍ରେଷ୍ଠ ରାଜ୍ୟମାନଙ୍କ ମଧ୍ୟରେ ସ୍ଥାନିତ ହୋଇଥିବାବେଳେ ପୁଞ୍ଜିନିବେଶ ପାଇଁ ପ୍ରଧାନମନ୍ତ୍ରୀ ଏହି ଅବସରରେ ଆହ୍ୱାନ ଦେଇଛନ୍ତି ।

## ଏଲ୍‌ଏସ୍-ଆୟକର ବିଲ୍

ଆୟକର ବିଲ୍-୨୦୨୫ ସମ୍ପର୍କିତ ଲୋକସଭାର ଚୟନ କମିଟି ବୈଠକ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେଉଛି । ୩୧ ସଦସ୍ୟ ବିଶିଷ୍ଟ ଏହି ବୈଠକ ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜାରି ରହିଛି । ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିବସ ସୁଦ୍ଧା କମିଟି ଏହାର ରିପୋର୍ଟ ଉପସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି । ସୂଚନାଯୋଗ୍ୟ ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ଏହି ବିଲ୍ ଲୋକସଭାରେ ଉପସ୍ଥାପିତ ହୋଇଥିଲା । ଏହାର ଅଧିକ ତର୍ଜମା ପାଇଁ ଚୟନ କମିଟିକୁ ପଠାଯାଇଛି ।

## ମାଣ୍ଡବୀୟ-ଲେବର ରିଫର୍ମ

ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ କହିଛନ୍ତି ଶ୍ରମ ସଂସ୍କାର' ଦେଶର କର୍ମଶକ୍ତି ନୀତିର ଆଧୁନିକୀକରଣ ପ୍ରୟାସର ମୂଳଦୁଆ ହୋଇଛି । ନୂଆଦିଲ୍ଲୀରେ ସାମାଜିକ ନ୍ୟାୟ ଆଧାରିତ ପ୍ରଥମ ଆଞ୍ଚଳିକ ଆଲୋଚନାକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ମାଣ୍ଡବୀୟ ଏହା କହିଛନ୍ତି । କର୍ମଚାରୀ ରାଜ୍ୟ ବୀମା ନିଗମର ୭୪ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଆଞ୍ଚଳିକ ସହଯୋଗକୁ ସୁଦୃଢ଼ କରିବା ଏବଂ ଆହ୍ୱାନ ଗୁଡ଼ିକର ଅଭିନବ ସମାଧାନ ଉପରେ ମତ ବିନିମୟ ହେଉଛି । ଏହି ଅବସରରେ ଶ୍ରୀ ମାଣ୍ଡବୀୟ 'ଇ-ଶ୍ରମ ମୋବାଇଲ୍' ଆପ୍‌ର ଉନ୍ମୋଚନ କରିଛନ୍ତି । ଏହି ଆପ୍ ସମଗ୍ର ଦେଶରେ ଶ୍ରମିକଙ୍କ ପାଇଁ ବେଶ୍ ଉପଯୋଗୀ ହୋଇପାରିବ ବୋଲି ସେ କହିଛନ୍ତି । ଆସନ୍ତା ଆର୍ଥିକ ବର୍ଷର ବଜେଟ୍‌ରେ ୨୦୪୭ସୁଦ୍ଧା ୭୦ ପ୍ରତିଶତ ମହିଳା ଶ୍ରମଶକ୍ତି ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମାଣ୍ଡବୀୟ ସୂଚନା ଦେଇଛନ୍ତି ।

## ଆଇ.ସି.ସି. ଚାମ୍ପିୟାନ୍ସ ଟ୍ରଫି

ଆଇ.ସି.ସି. ପୁରୁଷ ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ଆଉ କିଛି ସମୟ ପରେ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ ।

ପାକିସ୍ତାନର ରାଓଲପିଣ୍ଡିଠାରେ ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ସାଢ଼େ ୨ଟାରେ ଆରମ୍ଭ ହେବ । ଅନ୍ୟ ପକ୍ଷରେ ଗତକାଲିରେ ମ୍ୟାଚ୍‌ରେ ଭାରତ ପାକିସ୍ତାନକୁ ୬ ୱିକେଟ୍‌ରେ ପରାସ୍ତ କରିଥିଲା । ଭାରତ ପକ୍ଷରୁ ୧୦୦ ରନ୍‌ର ଅପରାଜିତ ପାଳି ଖେଳିଥିବା ବିରାଟ କୋହଲିଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ବିରାଟ କୋହଲିଙ୍କର ଏହା ହେଉଛି ୫୧ତମ ଦିନିକିଆ ଆନ୍ତର୍ଜାତିକ ଶତକ । ଏଥିସହ ଦିନିକିଆ କ୍ରିକେଟ୍‌ରେ କୋହଲି ଦ୍ରୁତ ୧୪ ହଜାର ରନ୍ ସଂଗ୍ରହ କରିଛନ୍ତି । ପାକିସ୍ତାନ ବିପକ୍ଷରେ  ମଧ୍ୟ କୋହଲି ସର୍ବାଧିକ ଥରପାଇଁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

## ଡବ୍ଲ୍ୟୁ.ପି.ଏଲ୍. କ୍ରିକେଟ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ୟୁ.ପି. ୱାରିୟର୍ସ ମଧ୍ୟରେ ମୁକାବିଲା ହେବ । ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଖେଳାଯିବ । ସ୍ମୃତି ମାନ୍ଧାନାଙ୍କ ନେତୃତ୍ୱାଧୀନ ବେଙ୍ଗାଲୁର ଦଳ ପଏଣ୍ଟ୍ ତାଲିକାର ଶୀର୍ଷ ସ୍ଥାନରେ ରହିଥିବାବେଳେ ଦୀପ୍ତି ଶର୍ମା ନେତୃତ୍ୱାଧୀନ ୟୁ.ପି. ୱାରିୟର୍ସ ତାଲିକାର ପଞ୍ଚମ ସ୍ଥାନରେ ରହିଛି ।